**EDII**

**Sakal**

**March 16, 2024**

# ମହିଳାମାନଙ୍କୁ ସ୍ୱାବଲମ୍ବୀ କରୁଛି ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ




ଟିକିରି,୧୫।୩(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଗୋରଖପୁର ପଞ୍ଚାୟତ ଅନ୍ତର୍ଗତ ମାରିଭଟା ଗ୍ରାମର ମହିଳାମାନେ ଇଡିଆଇଆଇ ଓ ଆଇଡିବିଆଇ ବ୍ୟାଙ୍କ ସହଯୋଗ ଏବଂ ପ୍ରୋଜେକ୍ଟ ଆରଆଇସିଇର ସହଭାଗିତାରେ ମାଣ୍ଡିଆରେ ପ୍ରସ୍ତୁତ ଦ୍ରବ୍ୟ ବିକ୍ରିକରି ସ୍ୱାବଲମ୍ବୀ ହେବା ପାଇଁ ଅଣ୍ଟାଭିଡ଼ିଛନ୍ତି। ସେମାନେ ମାଣ୍ଡିଆ ଦ୍ୱାରା ପିଠା, ଲଡୁ,ଗଜା,ଖଜା,ମୁଡ଼ୁକି ଓ ବାଦାମପକଡ଼ା ତିଆରି କରି ଟିକିରି ହାଟରେ ବିକ୍ରି କରିଛନ୍ତି। ମହିଳାମାନେ ନିଜେ ସ୍ୱାବଲମ୍ବୀ ହେବାସହ ପ୍ରଶିକ୍ଷଣ ନେଇ ନିଜେ ପ୍ରସ୍ତୁତ କରୁଥିବା କହିଛନ୍ତି। ଯଦି ପ୍ରଶାସନ ଏହି ମହିଳାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରନ୍ତି ତାହାଲେ ସେମାନେ ଆଗକୁ ବଢ଼ିପାରିବେ।